# ECHO OF HIS CALL

## ଆହ୍ବାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

ECHO OF HIS CALL 1969-2019 GOLDEN JUBILEE

REACHING NATIONS

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXVI | YEAR OF OUR LORD JESUS CHRIST, 2024 APRIL | No.02


## ପବିତ୍ର ବାଇବଲ

**(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)**

(ଗୀତସଂହିତା ୩୪:୧-୧୦)

୧ ମୁଁ ସର୍ବଦା ସଦାପ୍ରଭୁଙ୍କର ଧନ୍ୟବାଦ କରିବି; ମୋ' ମୁଖରେ ନିରନ୍ତର ତାହାଙ୍କର ପ୍ରଶଂସା ହେବ ।

୨ ମୋହର ପ୍ରାଣ ସଦାପ୍ରଭୁଙ୍କଠାରେ ଦର୍ପ କରିବ; ନମ୍ର ଲୋକମାନେ ତାହା ଶୁଣି ଆନନ୍ଦିତ ହେବେ ।

୩ ଆହେ, ମୋ' ସଙ୍ଗେ ସଦାପ୍ରଭୁଙ୍କ ମାହାତ୍ମ୍ୟ ପ୍ରକାଶ କର, ଆସ, ଆମ୍ଭେମାନେ ଏକ ସଙ୍ଗେ ତାହାଙ୍କ ନାମର ପ୍ରତିଷ୍ଠା କରୁ ।

୪ ମୁଁ ସଦାପ୍ରଭୁଙ୍କର ଅନ୍ୱେଷଣ କଲି ଓ ସେ ମୋତେ ଉତ୍ତର ଦେଲେ, ପୁଣି ମୋହର ସବୁ ଭୟରୁ ମୋତେ ଉଦ୍ଧାର କଲେ ।

୫ ସେମାନେ ତାହାଙ୍କ ପ୍ରତି ଦୃଷ୍ଟିପାତ କରି ଦୀପ୍ତିମାନ୍ ହେଲେ; ଆଉ, ସେମାନଙ୍କ ମୁଖ କେବେ ହେଁ ବିବର୍ଣ୍ଣ ନୋହିବ ।

୬ ଏହି ଦୁଃଖୀଲୋକ କାକୁକ୍ତି କଲା, ପୁଣି ସଦାପ୍ରଭୁ ତାହାର କଥା ଶୁଣିଲେ ଓ ତାହାର ସକଳ ସଙ୍କଟରୁତାହାକୁ ଉଦ୍ଧାର କଲେ ।

୭ ଯେଉଁମାନେ ସଦାପ୍ରଭୁଙ୍କୁ ଭୟ କରନ୍ତି, ତାହାଙ୍କର ଦୂତ ସେମାନଙ୍କ ଚାରିଆଡ଼େ ଛାଉଣି କରି ସେମାନଙ୍କୁ ଉଦ୍ଧାର କରନ୍ତି ।

୮ ଆହେ, ସଦାପ୍ରଭୁ ଯେ ମଙ୍ଗଳମୟ, ଏହା ଆସ୍ୱାଦନ କରି ଦେଖ; ଯେ ତାହାଙ୍କର ଶରଣାଗତ, ସେ ଲୋକ ଧନ୍ୟ ।

୯ ହେ ତାହାଙ୍କର ସଦ୍‌ଭକ୍ତମାନେ, ସଦାପ୍ରଭୁଙ୍କୁ ଭୟ କର; କାରଣ ଯେଉଁମାନେ ତାହାଙ୍କୁ ଭୟ କରନ୍ତି, ସେମାନଙ୍କର କୌଣସି ଅଭାବ ନାହିଁ ।

୧୦ ଯୁବାସିଂହମାନଙ୍କର ଅଭାବ ଓ କ୍ଷୁଧାରୁ କ୍ଲେଶ ହୁଏ; ମାତ୍ର ଯେଉଁମାନେ ସଦାପ୍ରଭୁଙ୍କର ଅନ୍ୱେଷଣ କରନ୍ତି, ସେମାନଙ୍କର କୌଣସି ମଙ୍ଗଳ ବିଷୟ ଅଭାବ ନୋହିବ ।

## ଆପଣଙ୍କୁ ଉଦ୍ଧାର କରିବା ପାଇଁ ଜଣେ ତ୍ରାଣକର୍ତ୍ତା ଅଛନ୍ତି ! ଭୟ କରନ୍ତୁ ନାହିଁ !!

**THERE IS A SAVIOUR TO DELIVER YOU! DO NOT FEAR!!**

ଭଉଣୀ ଜେସୀ ଭିନା ସାମ୍



ଆମର ପ୍ରଭୁ, ଯିଏ ଆମର ତ୍ରାଣକର୍ତ୍ତା ମଧ୍ୟ ଅଟନ୍ତି, ସେ ଆମକୁ ଏହି ଦିନ ଗୁଡ଼ିକରେ ଚାଳନା ଦେଉଛନ୍ତି । ବାଇବଲ ସମୟରେ, ସେହି ସଦାପ୍ରଭୁ ପରମେଶ୍ୱର ଲୋକମାନଙ୍କର କ୍ରନ୍ଦନ ଶୁଣିଥିଲେ, ସେମାନଙ୍କ ବିନତି ପ୍ରତି କର୍ଣ୍ଣପାତ କରିଥିଲେ, ସେମାନଙ୍କୁ ସମସ୍ତ ବିପଦରୁ ରକ୍ଷା କରିଥିଲେ ଓ ସେମାନଙ୍କୁ ପରିତ୍ରାଣ ଦେଇଥିଲେ । ଆସନ୍ତୁ, ସେ କିପରି ବାଇବଲରେ ଉଲ୍ଲିଖିତ କେତେକ ବ୍ୟକ୍ତିଙ୍କ ମାଧ୍ୟମରେ ଲୋକମାନଙ୍କୁ ଉଦ୍ଧାର କରିଥିଲେ ତାହା ଆମେ ଦେଖିବା ।

### ୧. ମୋଶା

ମୋଶା କିପରି ଓ କେଉଁ ପରିସ୍ଥିତିରୁ ଇସ୍ରାଏଲୀୟମାନଙ୍କୁ ଉଦ୍ଧାର କରିଥିଲେ, ତାହା ପ୍ରଥମେ ପରୀକ୍ଷା କରିବା । ଯାତ୍ରା ପୁସ୍ତକର ଦ୍ୱିତୀୟ ଅଧ୍ୟାୟ ମୋଶାଙ୍କ ଜନ୍ମ ବିଷୟରେ କହିଛି । ଯୋଷେଫଙ୍କ ଯୋଗୁ, ଇସ୍ରାଏଲର ଲୋକମାନେ ପ୍ରଥମେ ପ୍ରଥମେ ମିଶରରେ ସ୍ୱାଧୀନତା ଉପଭୋଗ କରୁଥିଲେ । କିନ୍ତୁ, ସେମାନେ ପରେ, ସେହି

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)


**ଆହ୍ବାନର ପ୍ରତିଧ୍ୱନିର**



*ୟୁ-ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !*

**ଆପଣମାନେ ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ ସହିତ**

୫ ମିନିଟ୍‌ର ବାର୍ତ୍ତା !!

**ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ**


**ପ୍ରତିଦିନ ଭୋର ୨ ଟାରେ**

ତାମିଲ ରବିବାର ଉପାସନା – ସକାଳ ୮.୩୦ରେ

ECHO OF HIS CALL - (1969-2019 GOLDEN JUBILEE YEAR)

# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...

REACHING NATIONS





> "ସଦାପ୍ରଭୁ ତୁମ୍ଭର ବିଶ୍ୱାସଭୂମି ହେବେ, ସେ ତୁମ୍ଭର ପାଦ ଫାଶରୁ ରକ୍ଷା କରିବେ" (ହିତୋପଦେଶ ୩:୨୬) ।

## ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

## ଖ୍ରୀଷ୍ଟରେ ପ୍ରିୟ ଭାଇ ଓ ଭଉଣୀମାନେ,

ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ଗୌରବମୟ ନାମରେ ଆପଣମାନଙ୍କୁ ଅଭିବାଦନ ! ଆମେ ଆମର ବିଭିନ୍ନ ସେବାକାର୍ଯ୍ୟ, ଯଥା - ୧୬ଟି ଭାଷାରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି", ୪ଟି ଭାଷାରେ "ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ, ୩ଟି ଭାଷାରେ ବେସିକ୍ ବାଇବଲ କରେସପଣ୍ଡେସ ପାଠ୍ୟକ୍ରମ - ବାଇବଲ - କୋର୍, ୨ଟି ଭାଷାରେ ଥିଓଲୋଜିକାଲ କରେସ୍ପଣ୍ଡେସ କୋର୍ସ, ୩ଟି ଭିନ୍ନ ଭାଷାରେ ନିହିମିୟା ବାଇବଲ କଲେଜ, ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ (ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ), ମୁଖ୍ୟ ଉପାସନାଳୟ ଓ ଶାଖା ମଣ୍ଡଳୀସମୂହ, ଇତ୍ୟାଦି ନିମନ୍ତେ ଆପଣମାନଙ୍କର ମତାମତ ଗ୍ରହଣ କରି ଅତି ଆନନ୍ଦିତ ଅଟୁ । ଆମେ ଜଗତ ନିକଟରେ ସକ୍ରିୟ ଭାବେ ସୁସମାଚାର ପ୍ରସାର କରିବାରେ ନିୟୋଜିତ ଅଛୁ । ଆମେ ବିଶ୍ୱସ୍ତ ଭାବରେ ଆପଣମାନଙ୍କର ସହାୟତା ଓ ପ୍ରେମକୁ ପ୍ରଶଂସା କରୁଅଛୁ ଓ ଆଗ୍ରହର ସହିତ ଆପଣମାନଙ୍କର ପ୍ରତିକ୍ରିୟାକୁ ଅପେକ୍ଷା କରୁଅଛୁ ।




*Annual Day of St. Paul's Matriculation School*

ଆମେ ଆମର ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲର ବାର୍ଷିକ ଉତ୍ସବର ସଫଳତାର ସମ୍ବାଦ ଜଣାଇବାରେ ଖୁସି ଅନୁଭବ କରୁଅଛୁ । ୨୦୨୪ ମାର୍ଚ୍ଚ ୨ ତାରିଖରେ ଏହା ଅନୁଷ୍ଠିତ ହୋଇଥିଲା । ଛାତ୍ର ଛାତ୍ରୀମାନେ ଏହି ଉତ୍ସବରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ ଓ ଏଥିରେ ଅନେକ ପିତାମାତା, ପିଲାମାନେ ଓ ଆଖପାଖ ଅଞ୍ଚଳର ଲୋକମାନେ ଯୋଗ ଦେଇଥିଲେ । ଏହା ଏକ ସମ୍ମିଳନୀ ଓ ଉଦ୍ଧାରମୂଳକ ସଭା ଭଳି ମନେ ହୋଇଥିଲା ଓ ଆମେ ଆପଣମାନଙ୍କର ନିରବଚ୍ଛିନ୍ନ ପ୍ରାର୍ଥନା ପାଇଁ କୃତଜ୍ଞ ଅଟୁ ।

ଆମେ ୨୦୨୪ ମାର୍ଚ୍ଚ ୩ ତାରିଖରେ, ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲର ପରିସରରେ ଏକ ବିଶେଷ ପିଲା ଓ ଯୁବାମାନଙ୍କର ସଭାର ଆୟୋଜନ କରିଥିଲୁ । ସେହି କାର୍ଯ୍ୟକ୍ରମରେ ପ୍ରାୟ ୧୦୦ ସଦସ୍ୟ ଯୋଗ ଦେଇଥିଲେ ଓ ଏହା ମଧ୍ୟରେ ବିଶେଷ ଗୀତ, ସାକ୍ଷ୍ୟ ଓ ବାର୍ତ୍ତାଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଥିଲା ।

ଆମେ ରବିବାର ଉପାସନା ପରେ, ନିୟମିତ ଭାବେ ଛୋଟ ଛୋଟ ପିଲାମାନଙ୍କୁ ସାକ୍ଷାତ୍ କରୁ । ଏହି ପିଲାମାନଙ୍କୁ ଈଶ୍ୱରଙ୍କ ମାର୍ଗରେ ବୃଦ୍ଧି କରାଯାଉଛି । ଆମେ ଆମର ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ଓ



*Children and Youth Rally*

HON. EDITOR-IN-CHIEF
Rev. Angeline S. Kumari, M.A., M.Sc., M.Ed.
HON. MANAGING EDITOR
Pastor Alex Samson Sam, B.Th., M.Div.
GENERAL MANAGER
Bro. N. Prakasam, M.A., M.Sc.(C&P), PGDHRM, MBA.
ADMINISTRATION
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)
EDITORIAL BOARD
Dr. Serena Bevin, M.A., M.Phil., B.Ed.
Sis. Sajini Cherian
Sis. L. Mariya Anjalin, M.A., M.Sc., B.Ed.
Rev. Dr. K.R. Rajasekaran

EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 98412 71858 95661 31858
E.MAIL
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.com
YOUTUBE CHANNEL
Echo of His Call



Prayer for students appearing Public Examination

ନିହିମିୟା ବାଇବଲ କଲେଜ ପାଇଁ ହିନ୍ଦୀ ଓ ତାମିଲ ଭାଷାରେ ଅଧିକ ଛାତ୍ର, ଉତ୍ତମ ଶିକ୍ଷକ ଓ ନେତାମାନଙ୍କୁ ଆବଶ୍ୟକ କରୁଅଛୁ । ଏହା ସହିତ, ଆମେ ସମସ୍ତ ୧୬ ଭାଷାରେ ‘‘ଆହ୍ୱାନର ପ୍ରତିଧ୍ୱନି’’ ମାସିକ ପତ୍ରିକା ପାଇଁ ଅଧିକ ସଂଖ୍ୟକ ପାଠକ ଆବଶ୍ୟକ କରୁଅଛୁ । ଦୟାକରି, ଆପଣଙ୍କ ବନ୍ଧୁ ଓ ଆତ୍ମିୟମାନଙ୍କ ଅଧିକ ସଂଖ୍ୟକ ଠିକଣା ଆମକୁ ଦିଅନ୍ତୁ ଯେପରିକି ଆମେ ବିନାମୂଲ୍ୟରେ ସେମାନଙ୍କ ନିଜସ୍ୱ ଭାଷାରେ ସେମାନଙ୍କୁ ‘‘ଆହ୍ୱାନର ପ୍ରତିଧ୍ୱନି’’ ପତ୍ରିକା ପ୍ରେରଣ କରିପାରିବୁ । ଆମେ ଉର୍ଦ୍ଦୁ ଭାଷାରେ ଅଧିକ ସଂଖ୍ୟକ ପାଠକ ମଧ୍ୟ ଆବଶ୍ୟକ କରୁଅଛୁ । ବଡ ହେଉ କି ଛୋଟ ହେଉ, ଯେ କୌଣସି ମାର୍ଗରେ ଆପଣମାନଙ୍କର ସହାୟତାକୁ ବହୁଳ ଭାବରେ ସ୍ୱୀକାର କରାଯିବ ଓ ଆପଣମାନେ ଈଶ୍ୱରଙ୍କ ଦ୍ୱାରା ପୁରସ୍କୃତ ହେବେ ।

ଆମେ ପୃଥିବୀର ସମସ୍ତ ଦେଶରେ ଶାନ୍ତି ଓ ସମୃଦ୍ଧି ପାଇଁ ନିରନ୍ତର ପ୍ରାର୍ଥନା କରୁଅଛୁ । ନିର୍ଦ୍ଦିଷ୍ଟ ଭାବରେ, ଆମେ ଭାରତର ଆତ୍ମିକ ଉନ୍ନତି ପାଇଁ ପ୍ରାର୍ଥନା କରୁଅଛୁ । ଆମେ ଆପଣମାନଙ୍କ ଉପରେ, ଆପଣମାନଙ୍କ ପରିବାର ଓ ଆପଣମାନଙ୍କ ଦେଶ ଉପରେ ଈଶ୍ୱରଙ୍କ ଆଶୀର୍ବାଦ ନିମନ୍ତେ ପ୍ରାର୍ଥନା କରୁଅଛୁ ।



Nehemiah Bible College Board Meeting

ଆମ ନିହିମିୟା ବାଇବଲ କଲେଜର ଅଧ୍ୟାପକମାନେ ପ୍ରତିମାସ ବିକାଶ ଓ ନିୟମିତ କାର୍ଯ୍ୟକଳାପ ବିଷୟରେ ଆଲୋଚନା କରିବା ପାଇଁ ସଭାପତି ରେଭ.ମୁଥୁ ଓ ନୂତନଭାବେ ଯୋଗ ଦେଇଥିବା ବରିଷ୍ଠ ଅଧକ୍ଷ ରେଭ.ଜନ୍ ରାଜରତ୍ନମଙ୍କ ଅଧୀନରେ ଏକତ୍ରିତ ହୁଅନ୍ତି ।

ଆମେ ସର୍ବଦା ଆପଣମାନଙ୍କର ଇ-ମେଲ, ପତ୍ର, ଫୋନକଲ୍ ଇତ୍ୟାଦି ପାଇ ପ୍ରଭୁଙ୍କଠାରେ ଆନନ୍ଦ କରୁଅଛୁ । ସେଗୁଡ଼ିକ ଆମକୁ ଆତ୍ମିକ ଯୁଦ୍ଧରେ ଅଗ୍ରସର ହେବା ପାଇଁ ଶକ୍ତି ପ୍ରଦାନ କରେ । ଆମେ ଆମର ଅଫିସ କର୍ମଚାରୀ, ମଣ୍ଡଳୀ ସଦସ୍ୟ, ସହଯୋଗୀ ସଂପାଦକ, ପାଳକ, ପ୍ରଚାରକ, ଆମ ପିଲାମାନଙ୍କର ସଣ୍ଡେସ୍କୁଲର ଛାତ୍ର, ଗ୍ରାମ୍ୟ ଉଚ୍ଚ ବିଦ୍ୟାଳୟ, ବାଇବଲ କଲେଜ, ଛାପାକଳର କର୍ମଚାରୀ, ଅଫିସ କର୍ମଚାରୀ ତଥା ଆମ ପରିବାର ସଦସ୍ୟମାନଙ୍କ ପାଇଁ ଆପଣମାନଙ୍କର ବିଶେଷ ପ୍ରାର୍ଥନା ଆବଶ୍ୟକ କରୁଅଛୁ । ଅନେକ କର୍ମଚାରୀ ଶାରୀରିକ ଭାବେ ସୁସ୍ଥ ନାହାନ୍ତି, ଦୟାକରି ସେମାନଙ୍କୁ ଆପଣମାନଙ୍କ ପ୍ରାର୍ଥନାରେ ସ୍ମରଣ କରନ୍ତୁ ।

ଈଶ୍ୱର ଆପଣମାନଙ୍କୁ ପ୍ରଚୁର ଭାବେ ଆଶୀର୍ବାଦ କରନ୍ତୁ ।

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**
**ପାଳକ ଆଲେକ୍ସ ସାମ୍‌ସନ୍ ସାମ୍**
**ପାଳକ ଏସ୍.ସାମ୍.ସେଲ୍‌ଭାରାଜ**
(+91) 98412 71858 / 98410 71858,
E.mail : sam@echoofhiscall.org

## ଦୟାକରି ଧ୍ୟାନ ଦିଅନ୍ତୁ : ଆହ୍ୱାନର ପ୍ରତିଧ୍ୱନିର ପାଠକଗଣ

ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ବାର୍ତ୍ତା ପ୍ରତିଦିନ ଭୋର ୨ଟାରେ ତାମିଲ, ତେଲୁଗୁ, ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରସାରିତ ହେଉଅଛି । ଆପଣମାନେ ବାର୍ତ୍ତାଗୁଡ଼ିକୁ ଶୁଣିବା ଦ୍ୱାରା ଈଶ୍ୱରଙ୍କ ଅନୁଗ୍ରହ ପାଇପାରିବେ । ଅଧିକନ୍ତୁ, ଆପଣମାନଙ୍କ ମୋବାଇଲ୍ ଫୋନ୍‌ରେ ମୋର ମୋବାଇଲ ନମ୍ବ (+୯୧) ୯୮୪୧୦୭୧୮୫୮, (+୯୧) ୯୮୪୧୨୭୧୮୫୮ (ବ୍ୟକ୍ତିଗତ) ସଂରକ୍ଷିତ ରଖନ୍ତୁ ।

**ପାଳକ ଏସ୍.ସାମ୍.ସେଲ୍‌ଭାରାଜ**

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ସମାନ ଦେଶରେ କ୍ରୀତଦାସ ହୋଇଥିଲେ, କଠୋର ବ୍ୟବହାର ଓ ଅତି ଦୁଃଖର ସମ୍ମୁଖୀନ ହୋଇଥିଲେ । ସେମାନେ ସେମାନଙ୍କର ଭୁଲ୍‌କୁ ହୃଦୟଙ୍ଗମ କରି ପ୍ରଭୁଙ୍କ ନିକଟରେ କ୍ରନ୍ଦନ କରିଥିଲେ ।

ଇସ୍ରାଏଲୀୟମାନେ ଯେ ୪୦୦ ବର୍ଷ ଧରି ମିଶରରେ ଦାସ ହୋଇ ରହିବେ, ଏହା ସଦାପ୍ରଭୁ ବହୁ ପୂର୍ବରୁ ଅବ୍ରହାମଙ୍କୁ କହିଥିଲେ (ଆଦିପୁସ୍ତକ ୧୫:୧୩) । ଆଦିପୁସ୍ତକ ୧୫:୧୬ରେ, ଏହି ଭାବବାଣୀ କରାଯାଇଥିଲା, ‘‘ତୁମ୍ଭ ବଂଶର ଚତୁର୍ଥ ପୁରୁଷ ଏହି ଦେଶକୁ ବାହୁଡ଼ି ଆସିବେ ।’’ ସଦାପ୍ରଭୁ ନିଜ ପ୍ରତିଜ୍ଞା ପ୍ରତି ବିଶ୍ୱସ୍ତ ଅଟନ୍ତି । ସେ ଇସ୍ରାଏଲୀୟ ମାନଙ୍କ କ୍ରନ୍ଦନ ଶୁଣିଥିଲେ ।

ସେମାନେ ସେମାନଙ୍କର ଯନ୍ତ୍ରଣାକୁ ସହ୍ୟ କରି ନ ପାରି ନିବେଦନ କରିଥିଲେ, ‘‘ହେ ସଦାପ୍ରଭୁ, ଆମ ପ୍ରତି ଦୟାଳୁ ହୁଅ ଓ ଆମକୁ ଫାରୋଙ୍କର ଦୁଷ୍ଟ ହସ୍ତରୁ ରକ୍ଷା କର । କେବେ ଆମେ ସେହି ଦୁଗ୍ଧ ମଧୁ ପ୍ରବାହୀ କିଣାନ ଦେଶକୁ ଅଧିକାର କରିବୁ, ଯାହାକୁ ଆମ ପୂର୍ବ ପୁରୁଷମାନଙ୍କ ନିକଟରେ ପ୍ରତିଜ୍ଞା କରାଯାଇଥିଲା ? କେବେ ଆମେ ସ୍ୱାଧୀନତାରେ ଆମର ସଦାପ୍ରଭୁଙ୍କର ଉପାସନା କରିବୁ ଓ ବଳି ଉତ୍ସର୍ଗ କରିବୁ ?’’

ଯେଉଁ ସଦାପ୍ରଭୁ ନିଜ ଲୋକମାନଙ୍କୁ ସେମାନଙ୍କ ସାମର୍ଥ୍ୟ ବାହାରେ ପରୀକ୍ଷା କରନ୍ତି ନାହିଁ, ସେ ସେମାନଙ୍କ କ୍ରନ୍ଦନ ଶୁଣିଥିଲେ । ସେମାନଙ୍କର ପଥଭ୍ରଷ୍ଟତା ସତ୍ତ୍ୱେ,

ଯେତେବେଳେ ସେମାନେ ଅନୁତାପ କରି, ପ୍ରଭୁଙ୍କ ନିକଟରେ କ୍ରନ୍ଦନ କରିଥିଲେ, ସେତେବେଳେ ତାଙ୍କର ପ୍ରେମପୂର୍ଣ୍ଣ ହୃଦୟ ତାହା ଶୁଣିଥିଲା ଓ ଦୟା ପ୍ରଦର୍ଶନ କରିଥିଲା ।

ସଦାପ୍ରଭୁ ଫାରୋଙ୍କର ପରାକ୍ରମୀ ହସ୍ତରୁ ଇସ୍ରାଏଲୀୟମାନଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ଧାରକର୍ତ୍ତା ଭାବରେ ମୋଶାଙ୍କୁ ମନୋନୀତ କରିଥିଲେ । ମୋଶା ମାତାଙ୍କ ଉଦରରୁ ତ୍ରାଣକର୍ତ୍ତା ଭାବେ ନାମିତ ହୋଇଥିଲେ (ଗୀତ ୧୩୯:୧୬) ଓ ମିଶରରେ ଦୁଇ ବର୍ଷରୁ କମ୍ ବୟସର ଶିଶୁ ପୁତ୍ରମାନଙ୍କୁ ହତ୍ୟା କରିବା ପାଇଁ ଫାରୋ ଆଦେଶ ଦେଇଥିବା ସମୟରେ, ସେ ଆଶ୍ଚର୍ଯ୍ୟଜନକ ଭାବେ ରକ୍ଷା ପାଇଥିଲେ । ସେ ତିନି ମାସର ନ ହେବା ପର୍ଯ୍ୟନ୍ତ ତାଙ୍କର ମା' ତାଙ୍କୁ ଲୁଚାଇ ରଖିଥିଲେ ଓ ଯେଉଁ ସମୟରେ ତାଙ୍କୁ ଲୁଚାଇ ରଖିବା ସମ୍ଭବ ହୋଇ ନ ଥିଲା, ସେତେବେଳେ ସେ ତାଙ୍କୁ ଗୋଟିଏ ନଳନିର୍ମିତ ପେଡିରେ ରଖି, ସେହି ପେଡିକୁ ନୀଳ ନଦୀ ମଧ୍ୟରେ ରଖି ଦେଇଥିଲେ । ନୀଳ ନଦୀ କୁମ୍ଭୀରରେ ପରିପୂର୍ଣ୍ଣ ଥିଲା ।

ମୋଶା ଫାରୋଙ୍କ ରାଜପ୍ରାସାଦରେ ଜଣେ ରାଜକୁମାର ଭାବେରେ ବୃଦ୍ଧି ପାଇଥିଲେ ଓ ପରେ, ଆକସ୍ମିକ ଭାବରେ ଜଣେ ମିଶରୀୟକୁ ହତ୍ୟା କରିବା ପରେ ଯେତେବେଳେ ହିବ୍ରୁ ଭାବରେ ତାଙ୍କର ପରିଚୟ ଆବିଷ୍କୃତ ହୋଇଥିଲା, ସେତେବେଳେ ସେ ମରୁଭୂମିକୁ ପଳାୟନ କରିଥିଲେ । ସେ ୪୦ ବର୍ଷ ଧରି ଜଣେ ମେଷପାଳକ ଭାବରେ ସମୟ କାଟୁଥିବା ବେଳେ, ଈଶ୍ୱର ତାଙ୍କୁ ନିଜ ପ୍ରତି ଆକର୍ଷିତ କରିଥିଲେ ଓ ତାଙ୍କୁ ଏକ ଦର୍ଶନ ପ୍ରଦାନ କରିଥିଲେ ।

ମୋଶା ଏପରି ଗୋଟିଏ ଜ୍ୱଳନ୍ତ ବୁଦା ଦେଖିଥିଲେ ଯାହାର ପତ୍ରଗୁଡ଼ିକୁ ଅଗ୍ନି ସ୍ପର୍ଶ କରୁ ନ ଥିଲା ଓ ଏହା କିପରି ଘଟିପାରେ ବୋଲି ଭାବି ସେ ଆଶ୍ଚର୍ଯ୍ୟ ହୋଇଥିଲେ । ବୁଦାଟି ପ୍ରଜ୍ୱଳିତ ହେଉଥିବା ସମୟରେ ଉଦ୍ଭିଦ ଓ ପତ୍ରଗୁଡ଼ିକ ଦଗ୍ଧ ହେଉ ନ ଥିଲା । ସେ ଏହାର ନିକଟବର୍ତ୍ତୀ ହେଉଥିବା ସମୟରେ, ଈଶ୍ୱର ତାଙ୍କୁ ଡାକି କହିଥିଲେ, ''ମୋଶା, ମୋଶା, ଆମ୍ଭେ ଇସ୍ରାଏଲୀୟମାନଙ୍କର କ୍ରନ୍ଦନ ଶୁଣିଅଛୁ । ତୁମ୍ଭେ ମିଶରରେ ଫାରୋଙ୍କ ନିକଟକୁ ଯାଇ, ଇସ୍ରାଏଲୀୟ ମାନଙ୍କୁ ମୁକ୍ତ କରିଦେବା ପାଇଁ ତାଙ୍କୁ କୁହ ଓ ସେମାନଙ୍କୁ କିଣାନ ଦେଶକୁ କଢାଇ ନିଅ । ଏହି ଦେଶ ଦେବା ପାଇଁ ଆମ୍ଭେ ଅବ୍ରହାମଙ୍କ ଓ ଇସ୍ହାକ୍‌ଙ୍କ ନିକଟରେ ପ୍ରତିଜ୍ଞା କରିଥିଲୁ । ଆମ୍ଭେ ଏହି କାର୍ଯ୍ୟଭାର ତୁମ୍ଭକୁ ସମର୍ପଣ କରୁଅଛୁ ।''

ପ୍ରଥମେ, କୁଣ୍ଠିତ ହୋଇଥିଲେ ମଧ୍ୟ, ମୋଶା ପ୍ରଶ୍ନ ସବୁ ଉଠାଇ ଅବିଶ୍ୱାସ ସମ୍ବନ୍ଧରେ, ସ୍ପଷ୍ଟଭାବରେ କଥା କହିବାରେ ଥିବା ତାଙ୍କର ଅସାମର୍ଥ୍ୟ ଓ କଥାବାର୍ତ୍ତାରେ ଧୀର ହେବା ସମ୍ବନ୍ଧରେ ଚିନ୍ତା ପ୍ରକାଶ କରିଥିଲେ । ତାଙ୍କର ଦୁର୍ବଳତା ସତ୍ତ୍ୱେ, ଈଶ୍ୱର ତାଙ୍କୁ ଏହି ଭରସା ଦେଇ କହିଥିଲେ, ''ଫାରୋଙ୍କ ନିକଟକୁ ଯାଅ । ଆମ୍ଭେ ତୁମ୍ଭର ସହବର୍ତ୍ତୀ ଅଟୁ । ନିଜ ଭାଇ ହାରୋଣଙ୍କୁ ନିଅ ଓ କଥା କୁହ ।''

ବେଳେବେଳେ, ଆମେ ମୋଶାଙ୍କ ଭଳି ଈଶ୍ୱରଙ୍କ ଦ୍ୱାରା ନିର୍ଦ୍ଦେଶିତ କୌଣସି ବିଶେଷ କାର୍ଯ୍ୟ କରିବାରେ କିମ୍ବା କୌଣସି କାର୍ଯ୍ୟ ନ କରିବାରେ ସ୍ୱାର୍ଥ ମନୋଭାବ ନେଇ ବାହାନା ଦେଖାଇଥାଉ ।

କିନ୍ତୁ, ମୋଶା, ଶେଷରେ ଈଶ୍ୱରଙ୍କ ଆଜ୍ଞାବହ ହୋଇଥିଲେ ଓ ଇସ୍ରାଏଲୀୟମାନଙ୍କୁ ଦାସତ୍ୱରୁ ଉଦ୍ଧାର କରିବା ପାଇଁ ମନୋନୀତ ହୋଇଥିଲେ । ସଦାପ୍ରଭୁ ମୋଶାଙ୍କ ସହିତ ଜଣେ ବନ୍ଧୁ ଭଳି ମୁଖାମୁଖି କଥାବାର୍ତ୍ତା କରୁଥିଲେ (ଯାତ୍ରା ୩୩:୧୧) । ଆଶ୍ଚର୍ଯ୍ୟ କର୍ମ ଓ ଚିହ୍ନ ମାଧ୍ୟମରେ, ସଦାପ୍ରଭୁଙ୍କର ମନୋନୀତ ମୋଶା ଲୋକମାନଙ୍କୁ ସୂଫ ସମୁଦ୍ର ମଧ୍ୟ ଦେଇ ମିଶରରୁ ବାହାର କରି ଆଣିଥିଲେ ।

ଆମେ ଏହି ଘଟଣା ବିଷୟରେ ଯାତ୍ରା ପୁସ୍ତକରେ ୧ ରୁ ୧୪ ଅଧ୍ୟାୟ ମଧ୍ୟରେ ପାଠ କରୁ । କିନ୍ତୁ, ସଦାପ୍ରଭୁ ପରମେଶ୍ୱର ଇସ୍ରାଏଲୀୟମାନଙ୍କ ପଛେ ପଛେ ଗୋଡ଼ାଇବା ପାଇଁ ଫାରୋଙ୍କୁ ସୁଯୋଗ ଦେଇଥିଲେ । ମିଶରରେ ୪୩୦ ବର୍ଷ ପରେ (୪ର୍ଥ ପୁରୁଷରେ), ଇସ୍ରାଏଲୀୟମାନେ ସେମାନଙ୍କ ସମ୍ମୁଖରେ ସୂଫ ସାଗରର, ପଛରେ ଫାରୋ ଓ ତାଙ୍କର ସୈନ୍ୟ ବାହିନୀର ଓ ଉଭୟ ପାର୍ଶ୍ୱରେ ପର୍ବତ ସବୁର ସମ୍ମୁଖୀନ ହୋଇଥିଲେ । ଅତି ଭୟଭୀତ ହୋଇ, ସେମାନେ କ୍ରନ୍ଦନ କରିଥିଲେ ।

ମୋଶା, ସ୍ୱର୍ଗୀୟ ଚାଳନା ନେଇଥିଲେ ଓ ସୂଫ ସାଗରକୁ ଦୁଇ ଭାଗ କରିବା ପାଇଁ ଈଶ୍ୱରଙ୍କଠାରୁ ନିର୍ଦ୍ଦେଶ ପାଇଥିଲେ । ମୋଶା ନିଜର ଯଷ୍ଟି ବଢ଼ାଇବାରୁ ଜଳ ଦୁଇ ଭାଗରେ ବିଭକ୍ତ ହୋଇଥିଲା ଓ ଉଭୟ ପାର୍ଶ୍ୱରେ ପ୍ରାଚୀର ସଦୃଶ ଠିଆ ହୋଇଥିଲା । ଏହା ଫଳରେ ଶୁଷ୍କ ଭୂମି ଦେଇ ପାର ହେବା ନିମନ୍ତେ ଇସ୍ରାଏଲୀୟ ମାନଙ୍କ ପାଇଁ ଏକ ପଥ ସୃଷ୍ଟି ହୋଇଥିଲା । ସେମାନଙ୍କର ଅନୁଧାବନ କରୁଥିବା ସୈନ୍ୟବାହିନୀ ସମୁଦ୍ର ମଧ୍ୟରେ ବୁଡ଼ି ଯାଇଥିଲେ ଓ ଏହିପରି ଭାବେ, ପ୍ରଭୁଙ୍କର ପରାକ୍ରମ ଓ ଗୌରବ ପ୍ରକାଶିତ ହୋଇଥିଲା ।

ସେହିପରି ମୋଶା ମଧ୍ୟ ଜଣେ ତ୍ରାଣକର୍ତ୍ତା ଭାବରେ କାର୍ଯ୍ୟ କରି, ସମୁଦ୍ରକୁ ଦୁଇ ଭାଗ କରିବା ଦ୍ୱାରା ଈଶ୍ୱରଙ୍କ ଲୋକମାନଙ୍କୁ ଉଦ୍ଧାର କରିଥିଲେ ।

## ୨. ଅତ୍ନିୟେଲ

ବିଚାରକର୍ତ୍ତା ୩:୧-୧୧ରେ ଯେପରି ବର୍ଣ୍ଣିତ ଅଛି ସେହିପରି ଆଶ୍ଚର୍ଯ୍ୟକର୍ମ ଦେଖିବା ସତ୍ତ୍ୱେ, ଇସ୍ରାଏଲୀୟ ମାନେ ବାରମ୍ବାର ପାପ ମଧ୍ୟରେ ପତିତ ହୋଇଥିଲେ ଓ କିଣାନରେ ବିଦେଶୀୟ ଦେବତାମାନଙ୍କର ପୂଜା

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

ନିହିମିୟା ବାଇବଲ
ଆବାସିକ / ସାଂଧ୍ୟ କଲେଜ
ହେଲାଚେରୀ / ଚେପକ୍ ଓ ସନ୍ତୋଷପୁରମ୍, ଚେନ୍ନାଇ
ମାଧ୍ୟମ - ହିନ୍ଦୀ / ତାମିଲ
ସଦସ୍ୟତା ପାଇଁ ପଞ୍ଜୀକୃତ ପ୍ରାର୍ଥୀ
ଏସିଆ ଥିଓଲୋଜିକାଲ ଆସୋସିଏସନ୍ (ATA)
ବିଗତ ୫୪ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ
ମିନିଷ୍ଟ୍ରିରେ ସାର୍ଟିଫିକେଟ
ଥିଓଲୋଜିରେ ଡିପ୍ଲୋମା
ଶୀଘ୍ର ଆଡ୍‌ମିଶନ କରନ୍ତୁ !
Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
✶ ONLINE CLASSES ARE AVAILABLE ✶

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୪ ଏପ୍ରିଲ ୧୯ ରୁ ୨୦୨୪ ମଇ ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ପ୍ରଶଂସାର ବିଷୟ

ଏପ୍ରିଲ ୧୯ ⇨ ବହୁ ଭାଷାବାଦୀ ଲୋକମାନଙ୍କ ନିକଟରେ ପହଞ୍ଚିବା ପାଇଁ ଆମର "ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ ଚ୍ୟାନେଲକୁ ଆଶୀର୍ବାଦ କରିଥିବାରୁ ।

ଏପ୍ରିଲ ୨୦ ⇨ ଆମର ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ, ନିହିମିୟା ବାଇବଲ କଲେଜ ଓ ବାଇବଲ କରେସପଣ୍ଡେସ ପାଠ୍ୟକ୍ରମ ଉପରେ ଆଶୀର୍ବାଦ କରିଥିବାରୁ ।

ଏପ୍ରିଲ ୨୧ ⇨ ଆମର ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟର କର୍ମଚାରୀ ଓ ସେମାନଙ୍କ ପରିବାରଗୁଡ଼ିକ ଉପରେ ଆଶୀର୍ବାଦ କରିଥିବାରୁ ।

ଏପ୍ରିଲ ୨୨ ⇨ ଆମର ପ୍ରାର୍ଥନାସାଥୀ, ଆଜୀବନ ସଭ୍ୟସଭ୍ୟା, ବିଶ୍ୱାସସାଥୀ, ଦାନ ଦେଉଥିବା ସାଥୀ ଓ ମହାଆଦେଶ ସାଥୀ ଓ ସେମାନଙ୍କ ପରିବାରଗୁଡ଼ିକ ଉପରେ ଦୟା କରିଥିବାରୁ ।

ଏପ୍ରିଲ ୨୩ ⇨ ୨୦୨୪ ମାର୍ଚ୍ଚ ୨ ତାରିଖରେ ଅନୁଷ୍ଠିତ ହୋଇଥିବା ଆମର ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲର ବାର୍ଷିକ ଉତ୍ସବ ଉପରେ ଆଶୀର୍ବାଦ କରିଥିବାରୁ ।

ଏପ୍ରିଲ ୨୪ ⇨ ୨୦୨୪ ମାର୍ଚ୍ଚ ୩ରେ, ଆମର ପରୀକ୍ଷା ପ୍ରାର୍ଥନା ସଭା ଓ ଯୁବ କାର୍ଯ୍ୟକ୍ରମଗୁଡ଼ିକ ଉପରେ ଆଶୀର୍ବାଦ କରିଥିବାରୁ ।

ଏପ୍ରିଲ ୨୫ ⇨ ଆମର ସମସ୍ତ ମାଣ୍ଡଳିକ କାର୍ଯ୍ୟକ୍ରମରେ ଆଗ୍ରହର ସହିତ ଅଂଶଗ୍ରହଣ କରିବା ପାଇଁ ଯୁବାମାନଙ୍କୁ ଉତ୍ସାହିତ କରିଥିବାରୁ ।

ଏପ୍ରିଲ ୨୬ ⇨ ଆମର ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲର ଛାତ୍ରମାନେ ସଫଳତାର ସହିତ ଦଶମ ଶ୍ରେଣୀ ସରକାରୀ ପରୀକ୍ଷା ସଂପୂର୍ଣ୍ଣ କରିଥିବାରୁ ।

ଏପ୍ରିଲ ୨୭ ⇨ ଆମର ସମସ୍ତ ମଣ୍ଡଳୀ, ସଣ୍ଡେସ୍କୁଲ, ଯୁବା ଓ ସ୍କୁଲ ସେବାକାର୍ଯ୍ୟ ଉପରେ ଆଶୀର୍ବାଦ କରିଥିବାରୁ ।

ଏପ୍ରିଲ ୨୮ ⇨ ଆମେ ଆମର ନିହିମିୟା ବାଇବଲ କଲେଜର ସ୍ୱୀକୃତି ପାଇଁ ATA (ASIA THEOLOGICAL ASSOCIATION)ର VET (VISITING EVALUATION TEAM) ର ଆଗମନ ଉପରେ ଆଶୀର୍ବାଦ କରିଥିବାରୁ ।

ଏପ୍ରିଲ ୨୯ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍‌ଭାରାଜ ଓ ତାଙ୍କ ପରିବାରକୁ ସମସ୍ତ ମନ୍ଦ ଶକ୍ତିରୁ ସୁରକ୍ଷା ଦେଇଥିବାରୁ ।

ଏପ୍ରିଲ ୩୦ ⇨ ଆମର ଛାପାକଳରେ ମୁଦ୍ରିତ ଓ ମିଶନ କ୍ଷେତ୍ରଗୁଡ଼ିକୁ ପ୍ରେରିତ ହେଉଥିବା ୧୬ଟି ଭାଷାରେ ପ୍ରକାଶିତ ଆମର ପତ୍ରିକା ଉପରେ ଆଶୀର୍ବାଦ କରିଥିବାରୁ ।

ମଇ ୧ ⇨ ୨୦୨୩-୨୪ ଆର୍ଥିକ ବର୍ଷ ଉପରେ ଆଶୀର୍ବାଦ କରିଥିବାରୁ ।

ମଇ ୨ ⇨ ଆମର ସହଯୋଗୀ ସଂପାଦକ, ରାଜ୍ୟ ସଂଯୋଜକ ଓ ସେମାନଙ୍କ ପରିବାର ନିମନ୍ତେ ।

ମଇ ୩ ⇨ ମିଶନ କାର୍ଯ୍ୟକାରୀମାନଙ୍କର ବଡ଼ ପ୍ରତିବଦ୍ଧତା ନିମନ୍ତେ ।

## ପ୍ରାର୍ଥନାର ବିଷୟ

ମଇ ୪ ⇨ ଈଶ୍ୱର ଯେପରି ଅତିରିକ୍ତ ଉତ୍ତପ୍ତ ପରିବେଶରୁ ପୃଥିବୀକୁ ସୁରକ୍ଷା ଦେବେ ।

ମଇ ୫ ⇨ ଏହି ଜଗତରେ ନିଃସ୍ୱାର୍ଥଭାବରେ ନିଜ ନିଜର ସନ୍ତାନମାନଙ୍କୁ ପ୍ରତିପାଳନ କରୁଥିବା ସମସ୍ତ ମା'ମାନଙ୍କ ନିମନ୍ତେ ।

ମଇ ୬ ⇨ ଈଶ୍ୱର ଯେପରି ଇସ୍ରାଏଲ, ପାଲେଷ୍ଟାଇନ, ୟୁକ୍ରେନ ଓ ଋଷିଆରେ ଶାନ୍ତି ଫେରାଇ ଆଣିବେ ।

ମଇ ୭ ⇨ ଆମର ବରିଷ୍ଠ ପାଳକଙ୍କର ଆତ୍ମ ଜୀବନୀ ଯେପରି ସଫଳଭାବେ ସଂପୂର୍ଣ୍ଣ ହେବ ।

ମଇ ୮ ⇨ ଏହି ନୂତନ ଆର୍ଥିକ ବର୍ଷରେ ଈଶ୍ୱରଙ୍କ ସ୍ୱର୍ଗୀୟ ଚାଳନା ନିମନ୍ତେ ।

ମଇ ୯ ⇨ ପାଳକ ଜନୀଙ୍କର ଶୋକାକୁଳ ପରିବାର ପ୍ରତି ସ୍ୱର୍ଗୀୟ ସାନ୍ତ୍ୱନା ନିମନ୍ତେ ।

ମଇ ୧୦ ⇨ ଆମର ସୁସମାଚାର ଛାପାକଳ ଓ ଏହାର ଦୈନିକ ପରିଚାଳନା ନିମନ୍ତେ ।

ମଇ ୧୧ ⇨ ଈଶ୍ୱର ଯେପରି ଆମର A.T.A. ସ୍ୱୀକୃତି କାର୍ଯ୍ୟ ଉପରେ ଆଶୀର୍ବାଦ କରିବେ ।

ମଇ ୧୨ ⇨ ଆମ ଅନୁଷ୍ଠାନର କର୍ମଚାରୀମାନଙ୍କ ମଧ୍ୟରେ ଏକତା ଓ ମିଳନ ନିମନ୍ତେ ।

ମଇ ୧୩ ⇨ ୨୦୨୪ ଜୁନ ୧ ପାଇଁ ନିର୍ଦ୍ଧାରିତ ହୋଇଥିବା ଆମ ନିହିମିୟା ବାଇବଲ କଲେଜର ସଫଳତା ନିମନ୍ତେ ।

ମଇ ୧୪ ⇨ ୨୦୨୪-୨୫ ଶିକ୍ଷା ବର୍ଷ ନିମନ୍ତେ ଆମର ଆବାସିକ ଓ ସାନ୍ଧ୍ୟ ନିହିମିୟା ବାଇବଲ କଲେଜରେ ଯୋଗ୍ୟ ଛାତ୍ରମାନଙ୍କର ଆଡ୍‌ମିଶନ ନିମନ୍ତେ ।

ମଇ ୧୫ ⇨ ୨୦୨୪-୨୫ ଶିକ୍ଷା ବର୍ଷ ନିମନ୍ତେ ଆମର ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲରେ ନୂତନ ଛାତ୍ରମାନଙ୍କର ଆଡ୍‌ମିଶନ ନିମନ୍ତେ ।

ମଇ ୧୬ ⇨ ସମଗ୍ର ପୃଥିବୀରେ ଦୀର୍ଘ ଦିନରୁ ଡାକ୍ତରଖାନାରେ ରହୁଥିବା ଓ ମାରାତ୍ମକ ଅସୁସ୍ଥତା ଭୋଗୁଥିବା ରୋଗୀମାନଙ୍କ ନିମନ୍ତେ ।

ମଇ ୧୭ ⇨ ଈଶ୍ୱର ଯେପରି ଦେଶଗୁଡ଼ିକୁ ଈଶ୍ୱରଙ୍କୁ ଭୟ ଓ ସମ୍ମାନ ଦେଖାଉଥିବା ନେତାମାନଙ୍କୁ ପ୍ରଦାନ କରିବେ ।

ମଇ ୧୮ ⇨ ସେବାକାର୍ଯ୍ୟ ଓ ମିଶନେରୀମାନଙ୍କ ବିରୁଦ୍ଧରେ ଅତ୍ୟାଚାରର ଶେଷ ନିମନ୍ତେ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

କରିଥିଲେ । ଈଶ୍ୱରଙ୍କ କ୍ରୋଧ ଯୋଗୁ ସେମାନେ ମେସୋପୋଟାମିଆର ରାଜା କୂଶନ-ରିଶିୟାଥୟିମର ଦାସ ହୋଇଥିଲେ ଓ ୮ ବର୍ଷ ଧରି ଦାସ ଭାବରେ ଦୁଃଖ ଓ କଷ୍ଟ ସହ୍ୟ କରିଥିଲେ ।

ଆମର ପ୍ରଭୁ ଲୋକମାନଙ୍କୁ ସେତେବେଳେ ପରିତ୍ୟାଗ କରି ନ ଥିଲେ, ଯେତେବେଳେ ସେମାନେ ପାପ କରିଥିଲେ, ମାତ୍ର ଯିଶାଇୟ ୫୪:୭ର ପ୍ରତିଜ୍ଞା, ଯଥା – "ଆମ୍ଭେ ଅଳ୍ପ କ୍ଷଣ ନିମନ୍ତେ ତୁମ୍ଭକୁ ତ୍ୟାଗ କରିଅଛୁ, ମାତ୍ର ମହା କରୁଣାରେ ତୁମ୍ଭକୁ ସଂଗ୍ରହ କରିବା" – ଏହା ଅନୁସାରେ, ଲୋକମାନେ ଉଦ୍ଧାର ନିମନ୍ତେ କ୍ରନ୍ଦନ କରିବାରୁ, ସଦାପ୍ରଭୁ ଜଣେ ଉଦ୍ଧାର କର୍ତ୍ତାଙ୍କୁ ଯୋଗାଇଥିଲେ ।" ଏ ଉତ୍ତାରେ, ଇସ୍ରାଏଲ ସନ୍ତାନଗଣ ସଦାପ୍ରଭୁଙ୍କ ନିକଟରେ କ୍ରନ୍ଦନ କରନ୍ତେ, ସଦାପ୍ରଭୁ ଇସ୍ରାଏଲ ସନ୍ତାନଗଣ ପାଇଁ କାଲେବଙ୍କର କନିଷ୍ଠ ଭ୍ରାତା କନସର ପୁତ୍ର ଅତ୍ନିୟେଲଙ୍କୁ ଉଦ୍ଧାର କର୍ତ୍ତା ରୂପେ ଉତ୍ପନ୍ନ କଲେ ଓ ସେ ସେମାନଙ୍କୁ ଉଦ୍ଧାର କଲେ । ପୁଣି ସଦାପ୍ରଭୁଙ୍କର ଆତ୍ମା ତାଙ୍କଠାରେ ଅଧିଷ୍ଠିତ ହୁଅନ୍ତେ, ସେ ଇସ୍ରାଏଲର ବିଚାର କଲେ ଓ ସେ ଯୁଦ୍ଧ ଜିତିବା ନିମନ୍ତେ ବାହାରିଲେ, ଆଉ ସଦାପ୍ରଭୁ ସେହି ଅରାମୀୟ ରାଜା କୂଶନ୍ ରିଶିୟାଥୟିମକୁ ତାହା ହସ୍ତରେ ସମର୍ପଣ କଲେ, ପୁଣି କୂଶନ-ରିଶିୟାଥୟିମ୍ ଉପରେ ହସ୍ତ ପ୍ରବଳ ହେଲା" (ବିଚାରକର୍ତ୍ତା ୩:୯,୧୦) । ଏହା ଫଳରେ, ଦେଶ ୪୦ ବର୍ଷ ଧରି ଶାନ୍ତିର ଅନୁଭୂତି ପାଇଲା ଓ ଈଶ୍ୱର କିପରି ଅତ୍ନିୟେଲଙ୍କୁ ସେହି ସମୟରେ ଇସ୍ରାଏଲୀୟ ମାନଙ୍କ ପାଇଁ ଏକ ଉଦ୍ଧାରକର୍ତ୍ତା ଭାବରେ ନିଯୁକ୍ତ କରିଥିଲେ, ତାହା ପ୍ରଦର୍ଶିତ ହୋଇଥିଲା ।

## ୩. ଗିଦିୟୋନ

ବର୍ତ୍ତମାନ, ଗିଦିୟୋନଙ୍କ ପ୍ରତି ଦୃଷ୍ଟିପାତ କରିବା, ଇସ୍ରାଏଲ ସନ୍ତାନମାନେ ଦୁଷ୍ଟତା କରିଥିବାରୁ, ସଦାପ୍ରଭୁ ସେମାନଙ୍କୁ ସାତବର୍ଷ ଧରି ମିଦିୟନୀୟମାନଙ୍କ ହସ୍ତରେ ସମର୍ପଣ କରିଥିଲେ (ବିଚାରକର୍ତ୍ତା ୬:୧) ।

ସେମାନେ ବଡ଼ କ୍ଲେଶର ସମ୍ମୁଖୀନ ହୋଇଥିଲେ । ମିଦିୟନୀୟ, ଅମାଲେକୀୟ ଓ ପୂର୍ବ ଦେଶର ଲୋକମାନେ ଅସଂଖ୍ୟ ପଙ୍ଗପାଳ ସଦୃଶ ସେମାନଙ୍କର ଫସଲ ଓ ପଶୁପଲ ନଷ୍ଟ କରି ଦେଉଥିଲେ । ହତାଶ ଓ ଦୁଃଖିତ ହୋଇ ଇସ୍ରାଏଲୀୟମାନେ ଗର୍ତ୍ତ ଓ ପର୍ବତର ଗୁମ୍ଫା ଗୁଡ଼ିକରେ ଆଶ୍ରୟ ନେଉଥିଲେ (ବିଚାରକର୍ତ୍ତା ୬:୨,୪ ଓ ୫) । ସେମାନଙ୍କ ଦୁଃଖରେ, ସେମାନେ ସଦାପ୍ରଭୁଙ୍କ ନିକଟରେ କ୍ରନ୍ଦନ କରିଥିଲେ ଓ ସଦାପ୍ରଭୁ ଜଣେ ଭାବବାଦୀଙ୍କୁ ପ୍ରେରଣ କରି ସେମାନଙ୍କୁ ସେ କିପରି ଅତୀତରେ ମିଶରରୁ ଓ ଅତ୍ୟାଚାରରୁ ଉଦ୍ଧାର କରିଥିଲେ, ଏହା ସ୍ମରଣ କରାଇ ଦେଇଥିଲେ । ପୁଣି ଇମୋରୀୟ ଦେବତାମାନଙ୍କୁ ଭୟ ନ କରିବା ପାଇଁ ସେମାନଙ୍କୁ କହିଥିଲେ (ବିଚାରକର୍ତ୍ତା ୬:୮-୧୦) ।

ଏପରିକି ଯେତେବେଳେ ତାଙ୍କର ଲୋକମାନେ ଛିନ୍ନ ବିଚ୍ଛିନ୍ନ ହୋଇଥିଲେ, ସେତେବେଳେ ସେମାନଙ୍କର କ୍ରନ୍ଦନ ଶୁଣି ସଦାପ୍ରଭୁ ସେମାନଙ୍କର ଉଦ୍ଧାର ନିମନ୍ତେ ଜଣେ ମନୋନୀତ ବ୍ୟକ୍ତିଙ୍କୁ ପ୍ରେରଣ କରିଥିଲେ ।

ଆମେ ମଧ୍ୟ ପ୍ରଭୁଙ୍କ ସ୍ୱର ପ୍ରତି ମନୋଯୋଗୀ ହୋଇ ନ ଥାଉ । କିନ୍ତୁ, ଯେତେବେଳେ ଆମ ଉପରେ ବିପତ୍ତି ପଡ଼େ, ସେତେବେଳେ ଆମେ ତାଙ୍କ ନିକଟରେ କ୍ରନ୍ଦନ କରୁ ଓ ସେ ତାଙ୍କ ନିଜ ଦୟାରେ ଆମକୁ ଆମ କ୍ଲେଶରୁ ଉଦ୍ଧାର କରନ୍ତି ।

ଇସ୍ରାଏଲକୁ ରକ୍ଷା କରିବା ପାଇଁ, ଈଶ୍ୱର ଜଣେ ଦୂତଙ୍କୁ ପ୍ରେରଣ କରିଥିଲେ । ସେହି ଦୂତ ଅବୀୟେଷ୍ରୀୟ ଯୋୟାଶର ଅଧିକାରସ୍ଥିତ ଅଫ୍ରାରେ ଅଲୋନବୃକ୍ଷ ମୂଳରେ ଆବିର୍ଭୂତ ହେଲେ । ଯୋୟାଶଙ୍କ ପୁତ୍ର ଗିଦିୟୋନ ମିଦିୟନୀୟମାନଙ୍କଠାରୁ ଗହମ ଲୁଚାଇବା ପାଇଁ ଦ୍ରାକ୍ଷାରସ କୁଣ୍ଡ ଭିତରେ ଗହମ ମଳୁଥିଲେ । ସଦାପ୍ରଭୁଙ୍କ ଦୂତ ଗିଦିୟୋନଙ୍କୁ ଅଭିବାଦନ ଜଣାଇ ତାଙ୍କୁ ମହା ବିକ୍ରମଶାଳୀ ଲୋକ ବୋଲି ସମ୍ବୋଧନ କରିଥିଲେ । ଯଦି ସଦାପ୍ରଭୁ ସେମାନଙ୍କ ସହିତ ଅଛନ୍ତି, ତେବେ ସେମାନେ କାହିଁକି କଷ୍ଟର ସମ୍ମୁଖୀନ ହେଉଛନ୍ତି ବୋଲି ଗିଦିୟୋନ ଦୂତଙ୍କୁ ପ୍ରଶ୍ନ କରିଥିଲେ ଓ ସେମାନଙ୍କ ପିତୃପୁରୁଷମାନଙ୍କ ପ୍ରତି ପ୍ରକାଶିତ ହୋଇଥିବା ଆଶ୍ଚର୍ଯ୍ୟ କର୍ମରେ ସନ୍ଦେହ କରିଥିଲେ ।

ମୋଶାଙ୍କ ଭଳି ଗିଦିୟୋନ ପ୍ରଥମେ ଅନିଚ୍ଛୁକ ହୋଇଥିଲେ ସୁଦ୍ଧା, ମିଦିୟନୀୟମାନଙ୍କ ହସ୍ତରୁ ଇସ୍ରାଏଲୀୟମାନଙ୍କୁ ରକ୍ଷା କରିବା ପାଇଁ ନିଜର ଲକ୍ଷ୍ୟ ବିଷୟରେ ଭରସା ଦେଇଥିଲେ । ସେ କହିଥିଲେ – "ଆମ୍ଭେ ନିଶ୍ଚୟ ତୁମ୍ଭ ସଙ୍ଗେ ହେବା, ତହିଁରେ ତୁମ୍ଭେ ମିଦିୟନୀୟମାନଙ୍କୁ ଏକ ଜଣ ପରି ସଂହାର କରିବ" (ବିଚାରକର୍ତ୍ତା ୬:୧୫-୧୬) ।

ତଥାପି, ଗିଦିୟୋନ ବିଶ୍ୱାସ କରିପାରୁ ନ ଥିଲେ ଓ ପ୍ରଭୁଙ୍କଠାରୁ ଗୋଟିଏ ଚିହ୍ନ ମାଗିଥିଲେ । ଅନେକ ଚିହ୍ନ ଦେଖିବା ପରେ, ଗିଦିୟୋନ ଓ ତାଙ୍କର ଲୋକମାନେ ମିଦିୟନୀୟମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିଥିଲେ ।

ସଦାପ୍ରଭୁ ଗିଦିୟୋନଙ୍କୁ ସତର୍କ କରି ଦେଇଥିଲେ ଯେ ଯଦି ସେ ଅନେକ ସୈନ୍ୟଙ୍କୁ ନେଇ ବିଜୟୀ ହେବେ, ତେବେ ଇସ୍ରାଏଲ ନିଜ ନିଜର ଗୌରବ ଦାବୀ କରିବେ । ପ୍ରଭୁଙ୍କ ଚାଳନା ପରେ, ଗିଦିୟୋନ ଲୋକମାନଙ୍କୁ ପରୀକ୍ଷା କରିଥିଲେ ଓ କେବଳ ୩୦୦ ଲୋକଙ୍କୁ ରଖି, ଅବଶିଷ୍ଟ ଲୋକମାନଙ୍କୁ ସେମାନଙ୍କର ତମ୍ବୁକୁ ପ୍ରେରଣ କରିଦେଇଥିଲେ (ବିଚାରକର୍ତ୍ତା ୭:୮) ।

ମିଦିୟନୀୟ ଶିବିର ଉପତ୍ୟକାରେ ଲୁଚି ରହିଥିଲା ଓ ସେହି ରାତ୍ରି ସଦାପ୍ରଭୁ ତାଙ୍କୁ ବିଜୟର ଭରସା ଦେଇ ଅଗ୍ରସର ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । "ସେହି ମିଦିୟନୀୟ ଓ ଅମାଲେକୀୟ ଓ ପୂର୍ବଦେଶୀୟ ଲୋକମାନେ ବହୁ ସଂଖ୍ୟକ ହେତୁରୁ ପଙ୍ଗପାଳ ପରି ତଳଭୂମିରେ ପଡ଼ି ରହିଥିଲେ । ସେମାନଙ୍କର ଓଟ ବହୁସଂଖ୍ୟକ ହେତୁରୁ ସମୁଦ୍ର ତୀରସ୍ଥ ବାଲି ପରି ଅସଂଖ୍ୟ ଥିଲେ" (ବିଚାରକର୍ତ୍ତା ୭:୧୨) ।

ବହୁସଂଖ୍ୟକ ହେତୁରୁ ସମୁଦ୍ର ତୀରସ୍ଥ ବାଲି ପରି ଅସଂଖ୍ୟ ଥିଲେ" (ବିଚାରକର୍ତ୍ତା ୭:୧୨) ।

ତଥାପି ଶଙ୍କିତ ଥିବା ଗିଦିୟୋନଙ୍କ କର୍ଣ୍ଣରେ ଶତ୍ରୁର କଥାବାର୍ତ୍ତା ପଡ଼ିଲା, ଯାହା ମିଦିୟନୀୟ ଶିବିରକୁ ଧ୍ୱଂସ ଘଟାଇଥିବା ଏକ ଯବ-ରୋଟୀ ସମ୍ବନ୍ଧୀୟ ଏକ ସ୍ୱପ୍ନକୁ ପ୍ରକାଶ କରୁଥିଲା (ବିଚାରକର୍ତ୍ତା ୭:୧୦-୧୩) ।

ନିଜର ଲୋକମାନଙ୍କୁ ତିନି ଦଳରେ ବିଭକ୍ତ କରି, ଗିଦିୟୋନ ସେମାନଙ୍କୁ ତୂରୀ, ଶୂନ୍ୟ କଳସ ଓ ମଶାଲ ଦ୍ୱାରା ସୁସଜ୍ଜିତ କରିଥିଲେ । ଏକ ସଙ୍ଗେ କଳସଗୁଡ଼ିକୁ ଭାଙ୍ଗି ଓ ତୂରୀ ଧ୍ୱନି କରି ସେମାନେ ଉଚ୍ଚସ୍ୱର କରିଥିଲେ, "ଖଡ୍ଗ, ସଦାପ୍ରଭୁଙ୍କ ପକ୍ଷ ଓ ଗିଦିୟୋନଙ୍କର ପକ୍ଷ" (୭:୨୪) ।

ପାରମ୍ପାରିକ ଅସ୍ତ୍ରଶସ୍ତ୍ରର ଅଭାବ ସତ୍ତ୍ୱେ, ପ୍ରଶଂସାରେ ପରିପୂର୍ଣ୍ଣ ଉଚ୍ଚଧ୍ୱନି ଏକ ଆଶ୍ଚର୍ଯ୍ୟଜନକ ବିଜୟ ଦିଗରେ କଢ଼ାଇ ନେଇଥିଲା ଓ ଶତ୍ରୁମାନେ ଭୟରେ ପଳାୟନ କରିଥିଲେ କାରଣ ସଦାପ୍ରଭୁ ସେମାନଙ୍କୁ ଏକ ଆରେକ ବିରୁଦ୍ଧରେ ଉଠାଇଥିଲେ (ବିଚାରକର୍ତ୍ତା ୭:୨୨) । ଏହି ବିଜୟ ସଦାପ୍ରଭୁଙ୍କର ଏକ ଦାନ ଥିଲା ଓ ଏହା ଗିଦିୟୋନଙ୍କୁ ଇସ୍ରାଏଲର ଜଣେ ଉଦ୍ଧାରକର୍ତ୍ତା ଭାବରେ ସ୍ଥାପିତ କରିଥିଲା । ଏହାପରେ ଇସ୍ରାଏଲ ମଧ୍ୟରେ ୪୦ ବର୍ଷ ଧରି ଶାନ୍ତି ରହିଥିଲା ।

ଆମର କ୍ଲେଶ ମଧ୍ୟରେ, ଈଶ୍ୱରଙ୍କର ପ୍ରଶଂସାରେ ପରିବର୍ତ୍ତନକାରୀ ଶକ୍ତି ରହିଥାଏ ଓ ଏହା ଦୁଃଖକୁ ଆନନ୍ଦରେ ପରିଣତ କରେ ।

ଜଣେ ଉଦ୍ଧାରକର୍ତ୍ତା ଭାବରେ, ଗିଦିୟୋନଙ୍କ ଭୂମିକା ଏହା ପ୍ରଦର୍ଶନ କରେ ଯେ ଈଶ୍ୱର ନିଜ ଲୋକମାନଙ୍କ କ୍ରନ୍ଦନ ପ୍ରତି ପ୍ରତିକ୍ରିୟା ଦେଖାନ୍ତି । ବଡ କ୍ଲେଶ ସମୟରେ, ଆମର ପ୍ରାର୍ଥନା ସୁରକ୍ଷା ଦେବା ପାଇଁ ଓ ଉଦ୍ଧାର କରିବା ପାଇଁ ଜଣେ ଉଦ୍ଧାରକର୍ତ୍ତାଙ୍କୁ ପ୍ରେରଣ କରିବା ନିମନ୍ତେ ଈଶ୍ୱରଙ୍କୁ ପ୍ରରୋଚିତ କରେ ।

ଯେତେବେଳେ ଦୁଃଖ ସହିତ ଅଶ୍ରୁ ମିଶି ରହିଥାଏ, ସେତେବେଳେ ଯିଶାଇୟ ୪୧:୧୦ ଭଳି ସାନ୍ତ୍ୱନା ଦାୟକ ପଦଗୁଡ଼ିକୁ ପଢ଼ିବା ଉଚିତ, ଯାହା କହେ, "ତୁମ୍ଭେ ଭୟ କର ନାହିଁ, କାରଣ ଆମ୍ଭେ ତୁମ୍ଭ ସଙ୍ଗରେ ଅଛୁ" ଓ "ତୁମ୍ଭେ ଆମ୍ଭ ଦୃଷ୍ଟିରେ ବହୁମୂଲ୍ୟ ଓ ସମ୍ଭ୍ରାନ୍ତ ହୋଇଅଛ ଓ ଆମ୍ଭେ ତୁମ୍ଭକୁ ପ୍ରେମ କରିଅଛୁ" – ଏହି ପଦଗୁଡ଼ିକ ସାନ୍ତ୍ୱନା ଓ ପ୍ରେରଣା ଦିଅନ୍ତି ।

ବେଳେ ବେଳେ, ଆମେ ଏକାକୀ ଯାତ୍ରା କରୁଥିବା ସମୟରେ, ଆମେ କିଛି ଅସୁବିଧା ଅନୁଭବ କରୁ, ମାତ୍ର ଯେତେବେଳେ ଆମେ ବ୍ୟସ୍ତ ହେଉ, ସେତେବେଳେ ଈଶ୍ୱର ଆମକୁ ସାହାଯ୍ୟ କରିବା ପାଇଁ ଜଣେ ସହ ଯାତ୍ରୀଙ୍କୁ କହନ୍ତି, ସେହି ସମୟରେ, ସେହି ବ୍ୟକ୍ତି ଆମର ତ୍ରାଣକର୍ତ୍ତା ହୋଇଯାଆନ୍ତି । ଡାକ୍ତର ଖାନାରେ ଭର୍ତ୍ତି ହେବା ସମୟରେ, ଈଶ୍ୱର ଆମକୁ

....Contd. to page 9

## ନିହିମିୟା ବାଇବଲ କଲେଜ

### ଉପାଧି ପ୍ରଦାନ ସଭା, ୨୦୨୩-୨୦୨୪

**ସ୍ଥାନ :** BKN Hall, Vepery, Chennai – 07.

**ତାରିଖ : ୨୦୨୪, ଜୁନ ୧ ତାରିଖ**

**ସମୟ : ସନ୍ଧ୍ୟା ୫ଟା**

**ପ୍ରାୟ ୫୦ ଜଣ ଛାତ୍ର ସେମାନଙ୍କ ପାଠ ସଂପୂର୍ଣ୍ଣ କରିବେ ଓ ମିଶନ କ୍ଷେତ୍ରଗୁଡ଼ିକୁ ପ୍ରେରିତ ହେବେ ।**

**ଆମେ ୨୦୨୪-୨୦୨୫ ଶିକ୍ଷା ବର୍ଷ ପାଇଁ ତାମିଲ ଓ ହିନ୍ଦୀ ପାଠ୍ୟକ୍ରମ ନିମନ୍ତେ ୭୫ ଛାତ୍ର ଆବଶ୍ୟକ କରୁଅଛୁ । ଦୟାକରି ଏହି ଅନୁରୋଧ ପାଇଁ ପ୍ରାର୍ଥନା କରନ୍ତୁ ।**

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର – ପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ, ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ତିନୋଟି କେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ – ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ–ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ – ରବିବାର ସକାଳ ଘ. ୮.୩୦ ମିନିଟ୍ ଓ ଅପରାହ୍ନ ୪.୦୦ ଘଟିକା ।
୧୩. ତାମିଲ ଉପାସନା – ରବିବାର ସକାଳ ୮.୦୦ ଓ ସକାଳ ୧୦.୦୦ ।
୧୪. ହିନ୍ଦୀ ଉପାସନା – ରବିବାର ଅପରାହ୍ନ ଘ. ୪.୦୦ ।
୧୫. ତେଲୁଗୁ ପ୍ରାର୍ଥନା ସଭା – ରବିବାର ସନ୍ଧ୍ୟା ଘ. ୫.୦୦ ।
୧୬. ଇଂରାଜୀ ଓ ତାମିଲ ଉପାସନା ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୧୭. ମହିଳାମାନଙ୍କର ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୧୮. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୧୯. କର୍ମଚାରୀମାନଙ୍କର ସଭା – ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୦. ଗୃହ ସଭା – ସୋମବାର, ମଙ୍ଗଳବାର, ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୧. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୨. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର – ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ।
୨୩. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୪. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୨୫. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୨୬. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୨୭. ପ୍ରାତଃ ଉପାସନା – ପ୍ରତିଦିନ ସକାଳ ଘ. ୫.୩୦ ମିନିଟ୍ ।
୨୮. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୨୯. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଘ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

## କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ–ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ – ୭୬ ପୃଷ୍ଠା ଓ ତାମିଲ୍‌ରେ – ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – "ଆପଣଙ୍କ ନିମନ୍ତେ ନୂତନ ଜୀବନ" ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

**The Chairman, Nehemiah Bible College,**
Echo of His Call, Post Box 2957
CHEPAUK, CHENNAI - 600 005.
Ph.: (044) 2852 8282, 2852 9293, 2854 7766,
Cell : 98410 71852, 95661 31858
E.mail : biblecor@yahoo.co.in

## ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମିୟମାନଙ୍କର ଠିକଣା ଡାକ, ପତ୍ର, ଇ–ମେଲ, ହ୍ୱାଟସ୍–ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ **"ଆହ୍ୱାନର ପ୍ରତିଧ୍ୱନି"** ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| **Account Name** | : | **ECHO OF HIS CALL EDUCATIONAL TRUST** |
| **Account Number** | : | **1023 2923 805** |
| **Bank Name** | : | **STATE BANK OF INDIA** |
| **Branch** | : | **TRIPLICANE, CHENNAI - 600 005** |
| **IFSC Code** | : | **SBIN 0000249** |
| **SWIFT Code** | : | **SBI NIN BB 455** |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

### (ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

**"ତୁମ୍ଭେ ସଦାପ୍ରଭୁଙ୍କ ଉପରେ ଆପଣା ଭାର ପକାଅ, ତହିଁରେ ସେ ତୁମ୍ଭକୁ ସମ୍ଭାଳିବେ" (ଗୀତସଂହିତା ୫୫:୨୨) ।**

୧୯୭୯ରୁ, ଖ୍ରୀଷ୍ଟ ଧର୍ମ ପ୍ରତି ମୋର ପ୍ରାରମ୍ଭିକ ପ୍ରତିରୋଧ ସତ୍ତ୍ୱେ, ପ୍ରଭୁ ଯୀଶୁଙ୍କ ସହିତ ମୋର ଏକ ଜୀବନ-ପରିବର୍ତ୍ତନକାରୀ ସାକ୍ଷାତ୍ ହୋଇଥିଲା । ଏହି ଅନୁଭୂତି ମୋତେ ପରିତ୍ରାଣ ଦିଗକୁ କଢ଼ାଇ ନେଇଥିଲା ଓ ଏହା ମୋର ଓ ମୋର କ୍ଷତି କରିବାକୁ ଚାହୁଁଥିବା ମୋର ପୁରାତନ ବନ୍ଧୁମାନଙ୍କ ମଧ୍ୟରେ ଏକ ଖାଇ ସୃଷ୍ଟି କରିଥିଲା । କିନ୍ତୁ, ପ୍ରଭୁ ମୋତେ ଏପରି ସୁରକ୍ଷା ଦେଇଥିଲେ ଯେପରିକି ମୁଁ ତାଙ୍କ ଚକ୍ଷୁର ପିତୁଳା ଥିଲି ।

ଈଶ୍ୱରଙ୍କଠାରୁ ଅନେକ ପ୍ରତିଜ୍ଞା ପାଇ, ମୁଁ ୧୯୮୧ରେ ଚେନ୍ନାଇକୁ ଚାଲିଗଲି । ଚେନ୍ନାଇରେ, ମୋର ପ୍ରଥମ ଦିନ ଆହ୍ୱାନମୂଳକ ଥିଲା । ମୋର କେହି ପରିଚିତ ନ ଥିବାରୁ, ମୁଁ ରାତିଟି ରାସ୍ତାରେ କଟାଇବା ପାଇଁ ବାଧ୍ୟ ହୋଇଥିଲି । ଭୟରେ ପରିପୂର୍ଣ୍ଣ ହୋଇ, ମୁଁ ରାତିସାରା ଉଜାଗର ରହିଥିଲି ।

ପ୍ରାୟ ରାତି ୨ଟାରେ, ଦୁଇଜଣ ପୋଲିସ ଅଫିସର ମୋ' ନିକଟକୁ ଆସି ମୋର ପରିସ୍ଥିତି ବିଷୟରେ ପଚାରିଲେ । ମୁଁ ମୋର ପାରିବାରିକ ପୃଷ୍ଠଭୂମି ଓ ପ୍ରଭୁ ଯୀଶୁ କିପରି ମୋ' ଜୀବନକୁ ପରିବର୍ତ୍ତିତ କରିଥିଲେ, ଏହି ସମ୍ବନ୍ଧୀୟ କାହାଣୀ ଜଣାଇଲି । ଯେତେବେଳେ ସେମାନେ ମୋ'ଠାରେ କିଛି ଦୋଷ ପାଇଲେ ନାହିଁ, ସେତେବେଳେ ମୁଁ କାହିଁକି ରାତିରେ ରାସ୍ତା ଉପରେ ଅଛି ବୋଲି ସେମାନେ ମୋତେ ପଚାରିଲେ । ଜଣେ ଅଫିସର ମୋତେ ପୋଲିସ ଷ୍ଟେସନକୁ ନେଇଯିବା ପାଇଁ କହିଲେ, ମାତ୍ର ଅନ୍ୟ ଜଣଙ୍କ ମନ୍ତବ୍ୟ ଦେଇଥିଲେ ଯେ ମୁଁ ଗୋଟିଏ ସମ୍ମାନଜନକ ପୃଷ୍ଠଭୂମିରୁ ଆସିଥିବା ଭଳି ଦିଶୁଛି ।

ପରେ, ସେ ମୋତେ ତାହିଁ କହିଥିଲେ, "ଆମ ସହିତ ଆସ ।" ସେମାନେ ମୋତେ ପୋଲିସ ଷ୍ଟେସନକୁ ନେଇଗଲେ ଓ ପୋଲିସ ବିଭାଗର ଅନ୍ୟ କର୍ମଚାରୀମାନଙ୍କ ସହିତ ଗୋଟିଏ ଗ୍ୟାରେଜରେ ମୋର ରହିବାର ବନ୍ଦୋବସ୍ତ କରିଦେଲେ । ସେ ମୋର ସୁବିଧା ବିଷୟରେ ସୁନିଶ୍ଚିତ ହୋଇ କହିଥିଲେ, "ଏକ ଉତ୍କୃଷ୍ଟତର ଜୀବନ ଅନ୍ୱେଷଣ କରୁଥିବା ଯେ କୌଣସି ବ୍ୟକ୍ତି ନିମନ୍ତେ ଏହା ଏକ ସୁରକ୍ଷିତ ଓ ଉପଯୁକ୍ତ ସ୍ଥାନ ଅଟେ ।" ସେ ଆହୁରି ମଧ୍ୟ କହିଥିଲେ, "କାରଣ ଜାଣି ନ ଥିଲେ ମଧ୍ୟ ମୁଁ ତୁମକୁ ସାହାଯ୍ୟ କରିବା ପାଇଁ ମୋ' ଅନ୍ତର ଭିତରୁ ଏକ ତୀବ୍ର ଇଚ୍ଛା ଅନୁଭବ କରୁଅଛି । ରାତିରେ ଗୋଟିଏ ସାପ ଏହି ଗ୍ୟାରେଜରେ ପ୍ରାୟ ଦେଖାଦିଏ । କିନ୍ତୁ, ଏହା କେବେ କାହାର କ୍ଷତି କରି ନାହିଁ । ସେଥିପାଇଁ ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ । ଯଦି ତୁମେ ସାପକୁ ଦେଖିବ, ତେବେ ସ୍ଥିର ହୋଇ ରହିବ । ଯେଉଁ ସ୍ୱର୍ଗୀୟ ଶକ୍ତି ତୁମକୁ ଚାଳନା ଦେଉଛନ୍ତି, ସେ ତୁମକୁ ସୁରକ୍ଷା ଦେବେ ।" ମୁଁ ପୁଣି ଥରେ କେବେହେଲେ ସେହି ପୋଲିସ ଅଫିସରଙ୍କୁ ଭେଟି ନାହିଁ ।

ପ୍ରତ୍ୟୁଷ ସନ୍ନିକଟ ହେଉଥିବା ସମୟରେ, ମୋତେ ଏପରି ମନେ ହେଉଥିଲା ଯେପରିକି ମୁଁ ଗୋଟିଏ ଗର୍ତ୍ତ ମଧ୍ୟରେ ପତିତ ହୋଇଛି ଓ ମୁଁ ଗୋଟିଏ ବାଘର ସମ୍ମୁଖୀନ ହେବା ଭଳି ଅତି ଭୟଗ୍ରସ୍ତ ଥିଲି । ରାତିରେ ସାପ ବାହାରିବା ବିଷୟ ଶୁଣି, ମୁଁ ଗୋଟିଏ ଗ୍ଲାସ ପାଣି ନେଇ ଏହା ଉପରେ ପ୍ରାର୍ଥନା କଲି ଓ ଗ୍ୟାରେଜ ମଧ୍ୟରେ ପାଣି ସିଞ୍ଚନ କରି କହିଲି, "ଯୀଶୁ ଖ୍ରୀଷ୍ଟଙ୍କ ରକ୍ତରେ ଜୟ ।" ଉଲ୍ଲେଖନୀୟ ଭାବରେ, କୌଣସି କୀଟ କିମ୍ବା ସାପ ସେହି ଗ୍ୟାରେଜରେ ମୋର ରହଣି ସମୟରେ ପ୍ରବେଶ କରି ନ ଥିଲା ଓ ଏହାକୁ ଏକ ସୁରକ୍ଷିତ ଗୃହରେ ପରିଣତ କରିଥିଲା ।

ସେହି ଗ୍ୟାରେଜରେ ରହିବା ସମୟରେ ମୁଁ ଅନେକ ପୋଲିସ ଅଫିସରଙ୍କ ସହିତ ବନ୍ଧୁତା କରିଥିଲି । ସେମାନେ ପ୍ରକାଶ୍ୟରେ ସେମାନଙ୍କ ସଂଘର୍ଷ ବିଷୟରେ ମୋତେ ଜଣାଇଥିଲେ, ଓ ମୋର ପ୍ରାର୍ଥନା ମାଧ୍ୟମରେ, ଅନେକ ସେମାନଙ୍କ ସମସ୍ୟାର ସମାଧାନ ପାଇଥିଲେ ଓ ଏପରିକି ଯୀଶୁ ଖ୍ରୀଷ୍ଟଙ୍କୁ ସେମାନଙ୍କ ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିଥିଲେ । ସେହି ସ୍ଥାନରେ ସ୍ୱର୍ଗୀୟ ଉପସ୍ଥିତି ସ୍ପଷ୍ଟ ଥିଲା ଓ ଏହା ଫଳରେ, ମୋତେ ଖୁବ୍ ପ୍ରେମ ଓ ସମ୍ମାନ ମିଳିଥିଲା ଓ ମୁଁ ଅବର୍ଣ୍ଣନୀୟ ଆନନ୍ଦ ଓ ସୁରକ୍ଷାର ଅନୁଭୂତି ପାଇଥିଲି ।

ଏହାପରେ, ପ୍ରଭୁ ମୋତେ ଏକ ଭିନ୍ନ ସ୍ଥାନକୁ କଢ଼ାଇ ନେଇଥିଲେ ଓ ଗୋଟିଏ ଗୃହକୁ ଭଡ଼ାରେ ନେବା ପାଇଁ ସାହାଯ୍ୟ କରିଥିଲେ । ଈଶ୍ୱର ଉପକାରୀ ଅଟନ୍ତି । ଯେଉଁମାନେ ଆମର ସଦାପ୍ରଭୁ ପରମେଶ୍ୱରଙ୍କଠାରେ ସେମାନଙ୍କ ବିଶ୍ୱାସ ସ୍ଥାପନ କରିବେ, ସେମାନଙ୍କର କୌଣସି ଅଭାବ ହେବ ନାହିଁ । ଯୀଶୁ ଖ୍ରୀଷ୍ଟ କାଲି, ଆଜି ଓ ଚିରଦିନ ଅପରିବର୍ତ୍ତନୀୟ ରହିଛନ୍ତି । ସେ ଆପଣଙ୍କ ଜୀବନରେ ମଧ୍ୟ ଅସାଧାରଣ କାର୍ଯ୍ୟ କରିବେ ।

***ମରୁ ପ୍ରାନ୍ତରରେ ମୋର ଯାତ୍ରା ମୋତେ କ୍ଳାନ୍ତ କରୁଥିବା ସମୟରେ, ମୁଁ ମୋର ପ୍ରିୟତମଙ୍କ ସାନ୍ତ୍ୱନାଦାୟକ ଓ ଆଶୀର୍ବାଦଯୁକ୍ତ ସ୍ୱର ଶୁଣେ । ଯଦିଓ ମୋ' ବିରୁଦ୍ଧରେ ଝଡ଼ ସମୁଦ୍ର ଉଠିବ, ସେତେବେଳେ ପ୍ରଭୁ ମୋତେ ଉଦ୍ଧାର କରିବେ ଓ ନୂତନ ଶକ୍ତି ଯୋଗାଇ, ମୋର ସମସ୍ତ ଶତ୍ରୁଙ୍କୁ ପରାସ୍ତ ଓ ବିନଷ୍ଟ କରିବେ ।***

* * *

(୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)

ପ୍ରେମପୂର୍ଣ୍ଣ ସହାୟତା ଦେବା ପାଇଁ ଅପରିଚିତ ଡାକ୍ତର କିମ୍ବା ନର୍ସମାନଙ୍କୁ ପ୍ରେରଣ କରନ୍ତି । ଏହି ବ୍ୟକ୍ତିମାନେ ଈଶ୍ୱର-ପ୍ରେରିତ ତ୍ରାଣକର୍ତ୍ତା ଅଟନ୍ତି । ଆମ ମଧ୍ୟରୁ ଅନେକେ ଆମ ଜୀବନରେ ଏହିପରି ସ୍ୱର୍ଗୀୟ ହସ୍ତକ୍ଷେପର ଅନୁଭୂତି ପାଇଛନ୍ତି ।

ସଦାପ୍ରଭୁ ଆମ ଦକ୍ଷିଣ ପାର୍ଶ୍ୱର ଛାୟା ସଦୃଶ ଆମକୁ ସୁରକ୍ଷା ଦିଅନ୍ତି । ତାଙ୍କ ପ୍ରତି ବିଶ୍ୱସ୍ତ ଭାବରେ ଚାହିଁ ରହିଥିବା ମୁଖଗୁଡ଼ିକ ଆଲୋକିତ ହୁଏ । ଆମର ଭୁଲ୍ ସତ୍ତ୍ୱେ, ଆମେ ସେଗୁଡ଼ିକୁ ସ୍ୱୀକାର କରିବା, ଈଶ୍ୱରଙ୍କ ସହିତ ପୁନର୍ମିଳିତ ହେବା ଉଚିତ୍ ।

ମୋଶାଙ୍କ ପୂର୍ବବର୍ତ୍ତୀ ଯୁଗ ବିବେକ ଦ୍ୱାରା ପରିଚାଳିତ ହେଉଥିଲା, ପୁଣି ମୋଶାଙ୍କ ମାଧ୍ୟମରେ ଈଶ୍ୱର ଏପରି ବ୍ୟବସ୍ଥା ଓ ଆଜ୍ଞା ପ୍ରଦାନ କରିଥିଲେ ଯେଉଁଗୁଡ଼ିକ ଆମକୁ ଧାର୍ମିକ ଜୀବନଯାପନ ଦିଗକୁ କଢ଼ାଇ ନିଏ ।

ବର୍ତ୍ତମାନ, ଆସନ୍ତୁ, ଆମେ ଯୂନସଙ୍କ କାହାଣୀ ପ୍ରତି ଦୃଷ୍ଟିପାତ କରିବା

## ୪. ଯୂନସ

ବାଇବଲରେ ଉଲ୍ଲିଖିତ ଭାବବାଦୀ ଯୂନସ ନୀନିବୀକୁ ଯାଇ ସେଠିକାର ଲୋକମାନଙ୍କୁ ସେମାନଙ୍କ ଦୁଷ୍ଟତା ବିଷୟରେ ସତର୍କ କରିଦେବା ପାଇଁ ଈଶ୍ୱରଙ୍କ ଦ୍ୱାରା ଆଦେଶ ପାଇଥିଲେ । ଯୂନସ ଏହାର ଅବାଧ ହୋଇ ତର୍ଶୀଶକୁ ଯାଉଥିବା ଏକ ଜାହାଜରେ ଚଢ଼ିଥିଲେ ଓ ଏହା ଫଳରେ, ଭୟଙ୍କର ପବନ ଓ ଝଡ଼ର ସମ୍ମୁଖୀନ ହୋଇଥିଲେ ।

ଯୂନସଙ୍କ ଅବାଧ୍ୟତାକୁ ହୃଦୟଙ୍ଗମ କରି, ଜାହାଜର ଲୋକମାନେ ତାଙ୍କୁ ସମୁଦ୍ର ମଧ୍ୟକୁ ନିକ୍ଷେପ କରିଥିଲେ । ସେଠାରେ ତାଙ୍କୁ ଗିଳିବା ପାଇଁ ଈଶ୍ୱର ଗୋଟିଏ ବୃହତ୍ ମାଛକୁ ପ୍ରେରଣ କରିଥିଲେ – ଏହି ମାଛ ଯୂନସଙ୍କର ଉଦ୍ଧାରକର୍ତ୍ତା ହୋଇଥିଲା । ତିନିଦିନ ପରେ, ମାଛଟି ଯୂନସଙ୍କୁ ନୀନିବୀର ଶୁଷ୍କ ଭୂମିରେ ଉଦ୍‌ଗାର କରିଥିଲା ।

ଯୂନସ ନିଜ ଭୁଲ୍‌କୁ ଜାଣିପାରି, ପାପ ପରିତ୍ୟାଗ କରିବା ପାଇଁ ଲୋକମାନଙ୍କୁ ଶିକ୍ଷା ଦେଇଥିଲେ । ଏହା ଫଳରେ ସେମାନେ ଅନୁତାପ କରିଥିଲେ ଓ ସେ ସେମାନଙ୍କର ତ୍ରାଣକର୍ତ୍ତା ହୋଇଥିଲେ ।

ଆମେ ଏ ପର୍ଯ୍ୟନ୍ତ ଯେଉଁ ସମସ୍ତ ତ୍ରାଣକର୍ତ୍ତାମାନଙ୍କର ସମ୍ମୁଖୀନ ହୋଇଅଛୁ, ସେମାନେ ଅଧାର୍ମିକ ଶାସକମାନଙ୍କ ଅଧୀନରେ ଦୁଃଖଭୋଗ କରୁଥିବା ଓ ଅବାଧ୍ୟତାର ପରିଣାମ ଭୋଗୁଥିବା ଲୋକମାନଙ୍କୁ ଉଦ୍ଧାର କରିଥିଲେ । ଯଦିଓ ଶେଷରେ, ଏହି ଉଦ୍ଧାରକର୍ତ୍ତାମାନେ ମୃତ୍ୟୁବରଣ କରିଥିଲେ ଓ ସମାଧିପ୍ରାପ୍ତ ହୋଇଥିଲେ, ତଥାପି ଲୋକମାନେ ପାପ କରି ଚାଲିଥିଲେ । ଈଶ୍ୱର ନିଜ ପୁତ୍ର, ଯୀଶୁ ଖ୍ରୀଷ୍ଟଙ୍କୁ ମାନବ ରୂପରେ ପ୍ରେରଣ କରିଥିଲେ । ନିଷ୍ପାପ ଯୀଶୁ କ୍ରୁଶ ବହନ କରିଥିଲେ, କୋରଡ଼ା ପ୍ରହାର ସହ୍ୟ କରିଥିଲେ, ନିଜର ରକ୍ତ କ୍ଷରଣ କରିଥିଲେ ଓ ଆମ ପାପ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରି କ୍ରୁଶାର୍ପିତ ହୋଇଥିଲେ । ତୃତୀୟ ଦିବସରେ, ମୃତମାନଙ୍କ ମଧ୍ୟରୁ ଉଠି, ଯୀଶୁ ଆମ ମଧ୍ୟରେ ବାସ କରୁଛନ୍ତି ଓ ଆମେ ସ୍ୱର୍ଗକୁ ନ ଯିବା ପର୍ଯ୍ୟନ୍ତ ଆମକୁ ଚାଳନା ଦେଉଛନ୍ତି ଓ ଆମେ ଭୁଲ୍ କରିବା ସମୟରେ ସୁଦ୍ଧା ଆମକୁ ସଂଶୋଧନ କରି ସୁରକ୍ଷା ଦେଉଛନ୍ତି । ତାଙ୍କର କବର ଅନନ୍ତ ଜୀବନର ନିଦର୍ଶନ ସ୍ୱରୂପ, ଉନ୍ମୁକ୍ତ ହୋଇ ରହିଛି ।

ଆମର ଭୁଲ୍ ସତ୍ତ୍ୱେ, ଆମର ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟ ଆମକୁ ଚାଳନା ଦେଉଛନ୍ତି, ସଂଶୋଧନ କରୁଛନ୍ତି ଓ ଆମକୁ ସୁରକ୍ଷା ଦେଉଛନ୍ତି ଓ ତାଙ୍କ ଇଚ୍ଛାନୁସାରେ ଆମକୁ ପଥ କଢ଼ାଇ ନେଉଛନ୍ତି ଓ ଆମେ ସ୍ୱର୍ଗରେ ନ ପହଞ୍ଚିବା ପର୍ଯ୍ୟନ୍ତ ଆମ ଉପରେ ଦୃଷ୍ଟି ରଖିଛନ୍ତି ।

ମୁଁ ପ୍ରତ୍ୟେକ ପ୍ରିୟ ପାଠକଙ୍କୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଜଣାଇବାକୁ ଚାହୁଁଛି : "ଈଶ୍ୱରଙ୍କର ନିକଟବର୍ତ୍ତୀ ହୁଅ, ତହିଁରେ ସେ ତୁମ୍ଭମାନଙ୍କର ନିକଟବର୍ତ୍ତୀ ହେବେ..." (ଯାକୁବ ୪:୮) ।

ଆହୁରି ମଧ୍ୟ ସେ ବିଶ୍ୱସ୍ତ ଭାବେ ତାଙ୍କର ଅନୁଗମନ କରୁଥିବା ଲୋକମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଆଶୀର୍ବାଦର ପ୍ରତିଜ୍ଞା କରିଛନ୍ତି ଓ ତାଙ୍କର ଆଜ୍ଞାଗୁଡ଼ିକୁ ଧରି ରଖିଛନ୍ତି, "ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ନୂତନ ସୃଷ୍ଟିରେ ଯେତେବେଳେ ମନୁଷ୍ୟପୁତ୍ର ଆପଣା ଗୌରବମୟ ସିଂହାସନରେ ଉପବେଶନ କରିବେ, ସେତେବେଳେ, ମୋହର ଅନୁଗାମୀ ହୋଇଅଛ ଯେ ତୁମ୍ଭେମାନେ, ତୁମ୍ଭେମାନେ ମଧ୍ୟ ଦ୍ୱାଦଶ ସିଂହାସନରେ ଉପବେଶନ କରି ଇସ୍ରାଏଲର ଦ୍ୱାଦଶ ଗୋଷ୍ଠୀକୁ ଶାସନ କରିବ" (ମାଥିଉ ୧୯:୨୮) । କେଉଁମାନେ ଏହି ଉଲ୍ଲେଖନୀୟ ଆଶୀର୍ବାଦ ପ୍ରାପ୍ତ ହେବେ ?

ଲୋକମାନେ ଏହି ପାପପୂର୍ଣ୍ଣ ଜଗତରେ ଜନ୍ମ ହେବା ପରେ, ସେମାନେ ଆଗ୍ରହର ସହିତ ସେହି ତ୍ରାଣକର୍ତ୍ତାଙ୍କର ଅନୁଗାମୀ ହେବା ଉଚିତ ଯିଏ ଆମକୁ ପବିତ୍ରତା ମଧ୍ୟକୁ ପରିବର୍ତ୍ତିତ କରନ୍ତି । ଆସନ୍ତୁ, ଆମେ ତାଙ୍କ ନିମନ୍ତେ ପବିତ୍ର ଜୀବନ କାଟିବା ଓ ସେହି ଭବିଷ୍ୟତ୍‌ର କଳ୍ପନା କରିବା ଯେତେବେଳେ ଆମେ ତାଙ୍କ ନିକଟରେ ସିଂହାସନରେ ବସି ବିଚାରକର୍ତ୍ତା ଭାବରେ ଜୀବନ କାଟିବା । ଆସନ୍ତୁ, ଆମେ ନିଜ ନିଜକୁ ଏହି ଅସାଧାରଣ ଜୀବନ ନିମନ୍ତେ ସମର୍ପଣ କରିବା ଓ ଏହାର ଯୋଗ୍ୟ ହେବା । ଯେଉଁ ପ୍ରଭୁ ଆପଣଙ୍କୁ ଆହ୍ୱାନ କରିଛନ୍ତି, ସେ ପବିତ୍ର ଅଟନ୍ତି, ସେଥିପାଇଁ ପବିତ୍ରତାରେ ଆଚରଣ କରନ୍ତୁ (୧ ପିତର ୧:୧୫) । "ପବିତ୍ର ହୁଅ, କାରଣ ଆମ୍ଭେ ପବିତ୍ର ଅଟୁ" (୧ ପିତର ୧:୧୬) ।

ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ ଓ ଚାଳନା ଦିଅନ୍ତୁ । ଆମେନ୍ ।

★★★


## ଜରୁରୀ ଆବଶ୍ୟକ

**TEACHERS**

**for**

**ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ**
**"ଆହ୍ୱାନର ପ୍ରତିଧ୍ୱନି"ର ଏକ ଅନୁଷ୍ଠାନ**
**ବିଜୟନଗରମ, ମେଡ଼ାଭକ୍କମ୍,**
**ଚେନ୍ନାଇ – ୧୦୦**

ଆମେ ଯୋଗ୍ୟ, ଅଭିଜ୍ଞ, ସମର୍ପିତ, କଠିନ ପରିଶ୍ରମୀ ଓ ମିଶନ କୈନ୍ଦ୍ରିକ ଖ୍ରୀଷ୍ଟିଆନମାନଙ୍କୁ ଆବଶ୍ୟକ କରୁଅଛୁ ।

Bio-data ସହିତ ଆବେଦନ କରନ୍ତୁ –
E.mail: sam@echoofhiscall.org
WhatsApp: (+91) 98412 71858

## ଆବଶ୍ୟକ

**ନିହିମିୟା ବାଇବଲ କଲେଜ**
**ଆହ୍ୱାନର ପ୍ରତିଧ୍ୱନି, ଚେନ୍ନାଇ**
ATA – ପଞ୍ଜିକୃତ ପ୍ରାର୍ଥୀ, ସଦସ୍ୟତା ନିମନ୍ତେ

ଡିନ (ଆବାସିକ),

ହିନ୍ଦୀ ଥିଓଲୋଜିଆନ୍ ଯୋଗ୍ୟତା M.DIV/ M.Th ଡିଗ୍ରୀ ଓ ଅନୁଭୂତି ରହିବା ଓ ଖାଇବାର ବ୍ୟବସ୍ଥା ସହିତ ଦରମା ପ୍ରଦାନ କରାଯିବ ।

ଯୋଗ୍ୟ ପ୍ରାର୍ଥୀମାନେ ନିମ୍ନ ଠିକଣାରେ ସେମାନଙ୍କର bio-data ପ୍ରେରଣ କରିପାରିବେ :
E.mail: sam@echoofhiscall.org
WhatsApp: (+91) 98412 71858

RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

## ଆହ୍ୱାନର ପ୍ରତିଧ୍ୱନି

**YouTube**

Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ ''ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

–ସଂପାଦକ –

## OUR BANK DETAILS:

### *1. Bank : State Bank of India*

| | | |
|---|---|---|
| Branch | : | **Triplicane, Chennai-5** |
| Name | : | **S. Sam Selva Raj** |
| A/C No. | : | **1023 2934 679** |
| IFSC | : | **SBIN 00 00 249** |
| SWIFT CODE | : | **SBI NIN BB 455** |

### *2. Bank : ICICI Bank*

| | | |
|---|---|---|
| Branch | : | **Anna Salai, Chennai-6** |
| Name | : | **Echo of His Call** |
| A/C No. | : | **6038 0502 2319** |
| IFSC | : | **ICIC 000 6038** |

### *3. Bank : State Bank of India*

**(This Account is for Tax Exemption for Indians only )**

| | | |
|---|---|---|
| Branch | : | **Triplicane, Chennai-5** |
| Name | : | **Echo of His Call Educational Trust** |
| A/C No. | : | **1023 2923 805** |
| IFSC | : | **SBIN 00 00 249** |

**Google Pay: 98410 71858**
**PayPal : SAM SELVA RAJ**

*****

**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/– ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ''ଆହ୍ୱାନର ପ୍ରତିଧ୍ୱନି'' ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ୱା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ ''ଆହ୍ୱାନର ପ୍ରତିଧ୍ୱନି'' ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ୱା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ''ଆହ୍ୱାନର ପ୍ରତିଧ୍ୱନି'' କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ ଠିକଣା ଜଣାନ୍ତୁ ।

**ଆମର ଠିକଣା :**

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com

**YOU CAN SEND YOUR DONATION ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/24-26**
**Licence No. WPP. No. TN/PMG(CCR)/WPP-265/24-26**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 18th** APRIL 2024.
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

***JESUS LOVES YOU!***

**To**

***GOD BLESS YOU!***

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers,** New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**